## ସଂକ୍ଷେପରେ

### ଫରେଷ୍ଟରର ପରିଚୟ ଦେଇ ପୋଲିସଙ୍କୁ ହଇରାଣ, ଯୁବକ ଗିରଫ

**କଣିହାଁ,୩୦।୧୦(ଡି.ଏନ.ଏ):** ଫରେଷ୍ଟରର ପରିଚୟ ଦେଇ ସମଲ ଥାନା ପୋଲିସକୁ ହଇରାଣ କରିବା ଅଭିଯୋଗରେ କୁଲେଇ ଗ୍ରାମର ପୂର୍ଣ୍ଣ ନାଏକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସୂଚନାଅନୁଯାୟୀ, ଶନିବାର ଏସ୍‌ଆଇ କମଳାକ୍ଷ ପ୍ରସାଦ ନାୟକଙ୍କୁ ପୂର୍ଣ୍ଣ ଫୋନ୍ କରି ସେ ପରାବିଲ ଫରେଷ୍ଟ ସେକ୍ସନର ଫରେଷ୍ଟର ବିଶ୍ୱଜିତ୍ ରାଉତ ପରିଚୟ ଦେଇ କଥା ହୋଇଥିଲେ। କୁଲେଇ ଗ୍ରାମରେ ବିଦ୍ୟୁତ୍ ତାର ବିଛାଇ କିଛି ଲୋକ ବାର୍‌ହା ଶିକାର କରୁଥିବାରୁ ସେ ପୋଲିସର ସହଯୋଗ ଲୋଡ଼ିଥିଲେ। ଏନେଇ ଏସଆଇ ନାୟକ ଅନ୍ୟ କିଛି କର୍ମଚାରୀଙ୍କ ଉକ୍ତ ସ୍ଥାନକୁ ଯାଇ ତଦନ୍ତ କରିଥିଲେ। ହେଲେ ସେଠାରେ ଫରେଷ୍ଟରଙ୍କୁ ନପାଇ ଫୋନ ଆସିଥିବା ନମ୍ବରକ କଲ କରିଥିଲେ ମଧ ଉତ୍ତର ମିଳି ନ ଥିଲା। ଘଟଣାରେ ସତ୍ୟତା ନ ଥିବା ପୋଲିସ ଜାଣିବାକୁ ପାଇଥିଲା। ଏହାର କିଛି ସମୟ ପରେ ପୁଣି ଅନ୍ୟ ୨ ଫୋନରୁ ଆଇଆଇସି ଯାଜ୍ଞସେନୀ ପ୍ରଧାନଙ୍କ ନମ୍ବରକୁ ପୂର୍ଣ୍ଣ ଫୋନ କରି ଫରେଷ୍ଟର ବୋଲି ପରିଚୟ ଦେଇ ଧମକ ଦେଇଥିଲେ। ଏହାକୁ ନେଇ ପୋଲିସ ଜିଲା ସାଇବର ସେଲ ସହାୟତା ନେଇଥିଲା। ଫୋନ ଲୋକେସନ ଟ୍ରାକ କରି ଅଭିଯୁକ୍ତ ପୂର୍ଣ୍ଣଙ୍କୁ ଗିରଫ କରିଛି। ଏ ନେଇ ନଂ. ୩୨୮/୨୦୨୨ରେ ଏକ ମାମଲା ରୁଜୁ ହୋଇଛି।

### ୪ ମାସ ହେଲା ଟ୍ରାନ୍ସଫର୍ମର ଅଚଳ

**ପାଲଲହଡା, ୩୦।୧୦(ଡି.ଏନ.ଏ.):**



ପାଲଲହଡା ବ୍ଲକ ବଡିସୁଆଁ ପଞ୍ଚାୟତ ଅଧୀନ ବାବୁରେଙ୍ଗାଳି ଗ୍ରାମର ବାନ୍ଧୁ ସାହିରେ ୪ ମାସ ହେଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ ହୋଇପଡ଼ିଛି। ଫଳରେ ସାହିର ୨୦ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ପାଲଲହଡ଼ା ବିଦ୍ୟୁତ୍ ବିଭାଗକୁ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଜଙ୍ଗଲ ମଧରେ ଥିବା ଉକ୍ତ ସାହିରେ ବନ୍ୟପ୍ରାଣୀ ଏବଂ ହାତୀ ଉପଦ୍ରବ ଲାଗିରହିଛି। ବିଦ୍ୟୁତ୍ ଆଲୋକ ନ ଥିବାରୁ ଗ୍ରାମବାସୀ ସନ୍ଧ୍ୟା ହେଲେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ତେଣୁ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ସାହିବାସୀ ଦାବି କରିଛନ୍ତି। ଅନ୍ୟପଟେ ବିଦ୍ୟୁତ୍ ବିଭାଗ ସାହିବାସୀଙ୍କ ଅଭିଯୋଗକୁ ସ୍ୱୀକାର କରିଛି। ଟ୍ରାନ୍ସଫର୍ମର ଯୋଗାଣରେ ବିଳମ୍ବ ହେଉଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଆସନ୍ତା ସପ୍ତାହରେ ଟ୍ରାନ୍ସଫର୍ମର ଆସିଲେ ଲଗାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

### ସ୍ୱଚ୍ଛ ଭାରତ ଅଭିଯାନ

**ବଡ଼ସାହି,(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ପାଉଁଶିଆ ପଞ୍ଚାୟତ ରାଜୀବ ଭବନଠାରେ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ନେହେରୁ ଯୁବକେନ୍ଦ୍ରର ବଡ଼ସାହି ବ୍ଲକ ଶାଖା ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସନାତନ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ଶାନ୍ତିଲତା ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୨ରେ ଭୁବନେଶ୍ୱରରେ ଆନ୍ଦୋଳନ ଚେତାବନୀ

**ଢେଙ୍କାନାଳ ଅଫିସ, ୩୦।୧୦**




ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

ଠିକା ନିଯୁକ୍ତି ଉଚ୍ଛେଦ ହେବା ନେଇ ରାଜ୍ୟ ସରକାର ଯେଉଁ ଘୋଷଣା କରିଛନ୍ତି, ସେଥିରୁ ରାଜ୍ୟର ଆଉଟସୋର୍ସିଂ କର୍ମଚାରୀ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ କ୍ଷୋଭବ୍ୟକ୍ତ କରିଛି ଢେଙ୍କାନାଳ ଶାଖା ଆଉଟ୍‌ସୋର୍ସିଂ କର୍ମଚାରୀ ଫେଡେରେଶନ। ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ଘୋଷଣା କରା ନ ଗଲେ ଆସନ୍ତା ୧୨ ତାରିଖ ମଧ୍ୟରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ରାଜ୍ୟସ୍ତରୀୟ ଆନ୍ଦୋଳନ ହେବ ବୋଲି ରବିବାର ପୂର୍ବାହ୍ନରେ ଢେଙ୍କାନାଳସ୍ଥିତ ପୁରୁଣା ଜିଲା ପରିଷଦ ହଲ୍‌ରେ ଅନୁଷ୍ଠିତ ବୈଠକରେ ଚେତାବନୀ ଦିଆଯାଇଛି।

ବୈଠକରେ ଯୋଗଦେଇ ଜିଲା ସଭାପତି ସମ୍ବିତ୍ ରଞ୍ଜନ ଦାସ କହିଲେ, ଠିକା କର୍ମଚାରୀମାନେ ଯେଉଁ ବ୍ୟବସ୍ଥା ମଧ୍ୟରେ କାମ କରୁଛନ୍ତି, ଆଉଟ୍‌ସୋର୍ସିଂ କର୍ମଚାରୀ ମଧ ସେହି ବ୍ୟବସ୍ଥା ମଧ୍ୟରେ ଅନ୍ତର୍ଭୁକ୍ତ। ଠିକା କର୍ମଚାରୀଙ୍କୁ ସ୍ଥାୟୀ ଘୋଷଣା କରାଯାଇଥିବା ବେଳେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ କ୍ଷେତ୍ରରେ ପକ୍ଷପାତିତା କରାଯିବା ଦୁର୍ଭାଗ୍ୟର ବିଷୟ। ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର କହିଲେ,

### ତାତିଲେ ଆଉଟ୍‌ସୋର୍ସିଂ କର୍ମଚାରୀ

ଠିକା ବ୍ୟବସ୍ଥା ଉଚ୍ଛେଦ ହେଲା ବୋଲି ରାଜ୍ୟ ସରକାର ଯେଉଁ ଘୋଷଣା କରିଛନ୍ତି, ତାହା ମିଛ ପ୍ରତିଶ୍ରୁତି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଆଦି ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଆଉଟସୋର୍ସିଂ କର୍ମଚାରୀମାନେ କାର୍ଯ୍ୟ ସୁଚାରୁରୂପେ ପାଳନ କରୁଛନ୍ତି। ସରକାର ସେମାନଙ୍କୁ ସ୍ଥାୟୀ ଘୋଷଣା ନ କରିବା ପରିତାପର ବିଷୟ। ଏ ଦିଗରେ ସରକାର ପଦକ୍ଷେପ ନ ହେଲେ ରାଜ୍ୟବ୍ୟାପୀ ହେବାକୁ ଥିବା ଆନ୍ଦୋଳନରେ ଆମେ ସେମାନଙ୍କୁ ସହଯୋଗ କରିବୁ ବୋଲି ସେ କହିଥିଲେ।

# ମା’ ଶିଶୁଙ୍କ ପ୍ରଥମ ଗୁରୁ



ରଙ୍ଗୋଲି ପ୍ରତିଯୋଗିତାରେ ଭାଗ ନେଇଥିବା ମା’ମାନେ।

**ମାଧପୁର,୩୦।୧୦**

ଆଠମଲ୍ଲିକ ବ୍ଲକ ମାଧପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶନିବାର ଶିଶୁ ବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବଇଣ୍ଡା ସଙ୍କୁଳ ପ୍ରମୁଖ ସଚିଦାନନ୍ଦ ସାହୁ ଯୋଗଦେଇ ମା’ ଶିଶୁମାନଙ୍କ ପ୍ରଥମ ଗୁରୁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବଇଣ୍ଡା ସଙ୍କୁଳ ସମ୍ପାଦକ ରବୀନ୍ଦ୍ର ନାଥ ଜେନା ଉପସ୍ଥିତ ରହି ଶିଶୁମାନଙ୍କ ପ୍ରତି ମା’ମାନଙ୍କ କର୍ତ୍ତବ୍ୟ ଉପରେ ମାର୍ଗଦର୍ଶନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନିଗମା ନନ୍ଦ କଳତା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ବାଟିକା ପ୍ରମୁଖ ନମିତା ପ୍ରଧାନ ଶିଶୁ ବାଟିକା ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ପରିଚାଳନା କମିଟି ସହ ସମ୍ପାଦକ ପ୍ରମୋଦ ବିଶ୍ୱାଳ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ମା’ ମାନଙ୍କୁ ନେଇ ବହୁ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ ବିକାଶ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଭିଆର୍‌ପି ସଂଘ ଗଠିତ: ସୁଲୋଚନା ସଭାପତି, କୁମୁଦିନୀ ସମ୍ପାଦିକା




ବୈଠକରେ ଭିଆର୍‌ପିମାନେ।

**ଢେଙ୍କାନାଳ ଅଫିସ, ୩୦।୧୦**

ଢେଙ୍କାନାଳ ସହର ବଳରାମ ମନ୍ଦିରରେ ରବିବାର ପୂର୍ବାହ୍ନରେ ଗ୍ରାମ୍ୟ ସମ୍ବଳ ବ୍ୟକ୍ତି ତଥା ଭିଲେଜ ରିସୋର୍ସ ପର୍ସନ (ଭିଆର୍‌ପି)ଙ୍କୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ନବଗଠିତ ଜିଲା ଭିଆରପି ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ସୁଲୋଚନା ସାହୁ, ସମ୍ପାଦିକା କୁମୁଦିନୀ ସାମଲ, କୋଷାଧ୍ୟକ୍ଷ ଭାବେ ସସ୍ମିତା ନାୟକ ଏବଂ ସରସ୍ୱତୀ ଦଳେଇ, ନଳିନୀ ବସନ୍ତ, ନିରୁପମା ସାହୁଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ଚୟନ କରାଯାଇଛି। ବୈଠକରେ ଭାରତୀୟ ମଜଦୁର ସଂଘର ମହିଳା ପ୍ରଭାରୀ ସୁରଭି ସ୍ୱାଇଁ, ରାଜ୍ୟ ଶ୍ରମିକ ନେତା ଶ୍ରୀନିବାସ ଖୁଣ୍ଟିଆ, ରବିନାରାୟଣ ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଗ୍ରାମ୍ୟ ସମ୍ବଳ ବ୍ୟକ୍ତିମାନେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ କରୁଛନ୍ତି।

### ପରାଗରେ ବିରିୟାନି ଖାଇବାକୁ ନେଇ ପ୍ରତିବାଦ

**ବାରିପଦା ଅଫିସ, ୩୦।୧୦**

ସୂର୍ଯ୍ୟପରାଗରେ ହେତୁବାଦୀଙ୍କ ପକ୍ଷରୁ ବିରିୟାନି ଖାଇବା ଓ ବାଣ୍ଟିବା ପ୍ରସଙ୍ଗକୁ ନେଇ ରବିବାର ରାଜ୍ୟ ସେବାୟତ ସଂଘ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ହେତୁବାଦୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବାକୁ ବାରିପଦାସ୍ଥିତ ହରିବଳଦେବଜୀଉ ମନ୍ଦିର ପ୍ରାଙ୍ଗଣରେ ସଂଘର ସଭାପତି କାମେଶ୍ୱର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି। ବର୍ଷ ବର୍ଷ ଧରି ଚଳି ଆସୁଥିବା ପରମ୍ପରାକୁ ଅସମ୍ମାନ କରିବା ଅତି ନିନ୍ଦନୀୟ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହାକୁ ନେଇ ସୋମବାରଠାରୁ ସ୍ଥାନୀୟ ଅଞ୍ଚଳ ଥାନାରେ ହେତୁବାଦୀଙ୍କ ବିରୋଧରେ ଅଭିଯୋଗ କରାଯିବା ପାଇଁ ସଂଘର ରାଜ୍ୟ ସଭାପତି ସେବାୟତମାନଙ୍କୁ ଆହ୍ୱାନ ଦେଇଛନ୍ତି।

# ସଚେତନ ହେଲେ ସାଇବର ଠକେଇ କମିବ



**କଣିହାଁ, ୩୦।୧୦(ଡି.ଏନ୍.ଏ.)**

କଣିହାଁ ଥାନା ପୋଲିସ ତରଫରୁ ଡେରେଙ୍ଗ ଜେଆଇଟିପିଏଲ୍ କ୍ୟାମ୍ପସରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଇବର କ୍ରାଇମ୍ ସଚେତନତା ଟିମ୍ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜେଆଇଟିପିଏଲ୍ ଏଚ୍‌ଆର ଅଧିକାରୀ ବିକାଶ କୁମାର ସିଂ, ଅନୁଗୋଳ ସାଇବର ଥାନାଧିକାରୀ ମାନସରଞ୍ଜନ ମହାକୁଡ଼, ସବଇନ୍ସପେକ୍ଟର ସୌରଭ ସାମଲ, ପାଲଲହଡ଼ା ଏସ୍‌ଡିପିଓ ସୁମନ ରଞ୍ଜିତା ସିଂ, ଆଇଆଇସି କିଶୋର ସାମଲ ଯୋଗଦେଇଥିଲେ। ସଚେତନତା ଏବଂ ଲୋଭର ବଶବର୍ତ୍ତୀ ହୋଇ ଲୋକମାନେ ବିଭିନ୍ନ ସମୟରେ ସାଇବର ଠକେଇର ଶିକାର ହେଉଛନ୍ତି। ଠକମାନେ ନୂଆ ନୂଆ ଉପାୟରେ ଆକାଉଣ୍ଟ ଖାଲି କରିଦେଉଛନ୍ତି। ସବୁସ୍ତରରେ ସଚେତନ ରହିଲେ ଏହାକୁ ରୋକାଯାଇପାରିବ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଜେଆଇଟିପିଏଲ ଅଧିକାରୀଙ୍କ ସମେତ ବହୁ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ହେତୁବାଦୀ ସଙ୍ଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଢେଙ୍କାନାଳ ଅଫିସ, ୩୦।୧୦**




ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଉଛି।

ସୂର୍ଯ୍ୟୋପରାଗରେ ଓଡ଼ିଶାବାସୀ ଶାସ୍ତ୍ରୀୟ ପଣ୍ଡିତଙ୍କ ଦ୍ୱାରା ସ୍ଥିରୀକୃତ ନୀତି ନିର୍ଘଣ୍ଟ ଅନୁଯାୟୀ ଦେବନୀତି ଓ ପାକନୀତି ପାଳନ କରୁଥିବାବେଳେ ସର୍ବସାଧାରଣରେ ଚିକେନ ବିରିୟାନି ଖାଇଥିଲେ ହେତୁବାଦୀ ସଙ୍ଗଠନର ସଦସ୍ୟ। ଏଥିସହ ହିନ୍ଦୁଧର୍ମ ଉପରେ ଖରାପ ଟିପ୍ପଣୀ ଦେବା ସହ ଅପପ୍ରଚାର କରିଥିଲେ, ଯାହାର ପ୍ରତିବାଦ କରିଛନ୍ତି ଢେଙ୍କାନାଳ ଶାଖା ସାର୍ବଭୌମ ଶାକଦ୍ୱିପୀ ଦୈବଜ୍ଞ ବ୍ରାହ୍ମଣ ସଂଘର କର୍ମକର୍ତ୍ତା। ଲକ୍ଷାଧିକ ଓଡ଼ିଆଙ୍କ ଭାବନାକୁ ଆଘାତ ଦେଇଥିବା ହେତୁବାଦୀ ସଙ୍ଗଠନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଥିବା ସଂଘ ସଭାପତି ଗୟାଧର ପଣ୍ଡିତ ଏବଂ ସୁଶୀଲ କୁମାର ନାଥ ସୂଚନା ଦେଇଛନ୍ତି। ଆସନ୍ତା ଚନ୍ଦ୍ରଗ୍ରହଣରେ ଘଟଣାର ପୁନରାବୃତ୍ତି କରିବେ ବୋଲି ସେମାନେ ପୁନର୍ବାର ଗଣମାଧ୍ୟମରେ ପ୍ରଚାର କରୁଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଉକ୍ତ ସଙ୍ଗଠନ ପକ୍ଷରୁ କରାଯାଇଥିବା ଅଶୋଭନୀୟ କାର୍ଯ୍ୟକ୍ରମ ହିନ୍ଦୁ ସମାଜ, ଜ୍ୟୋତିଷ ଶାସ୍ତ୍ର, ବ୍ରାହ୍ମଣ ସମାଜ ପ୍ରତି ଘୋର ଅପମାନ ବୋଲି ସଂଘ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି।

# ନାରାୟଣ ବିଜୟୀ



**ଛେଣ୍ଡିପଦା, ୩୦।୧୦(ସ୍ୱ.ପ୍ର.)**

ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ଅଧୀନ ୬ନଂ. ଛେଣ୍ଡିପଦା ଜୋନର ନିର୍ଦ୍ଦେଶକ ପଦବୀ ପାଇଁ ରବିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବ୍ଲକ ବାଲିପଟା ପଞ୍ଚାୟତ କିସିଣ୍ଡା ଗ୍ରାମର ଅଜିତ ପ୍ରଧାନଙ୍କୁ ହରାଇ ଜରପଡା ପଞ୍ଚାୟତ ଜରପଡ଼ା ଗ୍ରାମର ନାରାୟଣ ସାହୁ ବିଜୟୀ ହୋଇଛନ୍ତି। ମୋଟ୍ ୨୧୨ଜଣ ସେମାନଙ୍କ ମତସାବ୍ୟସ୍ତ କରିଥିଲେ। ଅଜିତ ୬୬ ଖଣ୍ଡ ଭୋଟ ମିଳିଥିବାବେଳେ ନାରାୟଣ ୧୪୪ ଖଣ୍ଡ ପାଇଥିଲେ।

# ଗଦାଶିଳାରେ ଆମ ପୋଲିସ ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**କଣିହାଁ,୩୦।୧୦(ଡି.ଏନ.ଏ.)**

କଣିହାଁ ବ୍ଲକ ଗଦାଶିଳା ପଞ୍ଚାୟତ କାର୍ଯ୍ୟାଳୟଠାରେ ଏନ୍‌ଟିପିସି ଟାଉନ ଥାନା ତରଫରୁ ଆମ ପୋଲିସ ସମିତି ବୈଠକ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଛି। ଥାନା ଆଇଆଇସି ସ୍ମିତାଞ୍ଜଳୀ ପ୍ରଧାନ, ଏସ୍‌ଆଇ ପବିତ୍ର କୁମାର ମହାରଣା, ସରପଞ୍ଚ ବୃନ୍ଦାବନ ପ୍ରଧାନ, ସମିତି ସଦସ୍ୟ ଦିବ୍ୟଜ୍ୟୋତି ପ୍ରଧାନ ଉପସ୍ଥିତ ଥିଲେ। କିପରି ପଞ୍ଚାୟତ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଏଥିସହିତ ପୋଲିସ ପାଟ୍ରୋଲିଂ, ସାଇବର ଠକେଇ, ଅପ୍ରାପ୍ତ ବୟସ୍କ ବିବାହ, ବେଆଇନ ମଦ କାରବାର ରୋକିବା, ଜମିବାଡ଼ି ସମସ୍ୟା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୁଦ୍ଧିଜୀବୀ ନବକିଶୋର ସାହୁ, ମୁନା ପ୍ରଧାନ, ସନ୍ତୋଷ ବେହେରା, ପ୍ରମୋଦ ନାଏକ, ବାସନ୍ତୀ ସିଘାର, ଜଗନ୍ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସଙ୍କୁଳସ୍ତରୀୟ ଘୋଷ କର୍ମଶାଳା

**ତାଳଚେର,୩୦।୧୦(ନି.ପ୍ର):** ତାଳଚେର ବ୍ଲକ ବଡ଼ଯୋରଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଦୁଇ ଦିନିଆ ସଙ୍କୁଳସ୍ତରୀୟ ଘୋଷ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତାଳଚେର ସଙ୍କୁଳ ସଂଯୋଜକ ହେମନ୍ତ ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଡଯୋରଡା, ଆମ୍ବମୁଣ୍ଡା, ନୂଆଗାଁ, ତାଳଚେର, ଦେଉଳବେଡା, କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୧୭ ଜଣ ଶିଶୁ ଘୋଷବାଦକ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ବଡ଼ଯୋରଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି କିଶୋର ଚନ୍ଦ୍ର ପ୍ରଧାନ ଯୋଗଦେଇ ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମାୟାଧର ସାହୁ, ଅନୀଲ ଦେହୁରୀ, ବାବୁଲି ସାମଲ, ଅଭିମନ୍ୟୁ ବାରିକ ଏବଂ ନୂଆଗାଁ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରତିଭା ପୃଷ୍ଟି ଯୋଗଦେଇଥିଲେ। ଉପସ୍ଥିତ ଘୋଷ ବାଦକମାନେ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ରରେ ସାମୂହିକ ଭାବେ ଘୋଷ ବାଦନ ଅଭ୍ୟାସ କରିଥିଲେ।



# ଶିଳ୍ପନଗର ଠିକାଶ୍ରମିକ ସଂଘର ଆନ୍ଦୋଳନ ପ୍ରସ୍ତୁତି

**ତାଳଚେର, ୩୦।୧୦(ନି.ପ୍ର.)**

ତାଳଚେର ଥର୍ମାଲ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ପ୍ରିୟାପ୍ରୀତି ତୋଷଣ ମନୋଭାବର ତୀବ୍ର ବିରୋଧ କରିଛନ୍ତି ଶିଳ୍ପ ନଗରୀ ଠିକା ଶ୍ରମିକ ସଂଘ କର୍ମକର୍ତ୍ତା ଓ ସଦସ୍ୟ। ନୂତନ ପ୍ଲାଣ୍ଟରେ ନିଯୁକ୍ତି ସୁଯୋଗରୁ ବଞ୍ଚିତ କରାଯାଇଥିବା ପ୍ରତିବାଦରେ ଆସନ୍ତା ନଭେମ୍ବର ୨ରେ ତାଳଚେର ସହର ୱାର୍ଡ ନଂ. ୩ରେ ଥିବା ପ୍ଲାଣ୍ଟ ପମ୍ପ ହାଉସ୍ ସମ୍ମୁଖରେ ଧାରଣା ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରବିବାର ସ୍ଥାନୀୟ ଚିତ୍ରକୂଟ ମନ୍ଦିର ପରିସରରେ



ସଂଘ ସଭାପତି ଲିପିକା ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ବାବୁନି ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଥର୍ମାଲ ପୁରୁଣା ପ୍ଲାଣ୍ଟରେ ଦୀର୍ଘବର୍ଷ ଧରି କାମ କରିବା ପରେ ଠିକା ଶ୍ରମିକ ସଂଘ କର୍ମକର୍ତ୍ତାଙ୍କୁ ନୂତନ ପ୍ଲାଣ୍ଟରେ ନିଯୁକ୍ତି ସୁଯୋଗ ଦିଆଯାଉନାହିଁ। କେବଳ ପଞ୍ଚାୟତ ଠିକା ଶ୍ରମିକମାନଙ୍କୁ ନିଯୁକ୍ତି ଦିଆଯାଉଛି। ଏଭଳି ଅନ୍ୟାୟର ତୀବ୍ର ପ୍ରତିବାଦ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## ଠେଙ୍ଗା ଗ୍ରାମରେ ଅଗ୍ନିକାଣ୍ଡ

ରାସୋଳ, (ଡି.ଏନ୍.ଏ.): ରାସୋଳ ଥାନା ଜରଡ଼ା ପଞ୍ଚାୟତ ଠେଙ୍ଗା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି କୀର୍ତ୍ତନ ବେହେରାଙ୍କ ୨ ବଖରା ଘର କ୍ଷତିଗ୍ରସ୍ତ ହୋଇଛି। ଚୁଲିରୁ ନିଆଁ ଉଡ଼ି ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ଉକ୍ତ ଦୁଇ ଘରେ କୀର୍ତ୍ତନ ଆସବାବପତ୍ର, ଖାଦ୍ୟଶସ୍ୟ ରଖୁଥିବାବେଳେ ବହୁ ସାମଗ୍ରୀ ପୋଡ଼ିଯାଇଛି। ତେବେ ପରିବାର ସଦସ୍ୟ ଅନ୍ୟ ଏକ ଘରେ ରହୁଥିବାରୁ ସେମାନେ ସୁରକ୍ଷିତ ଅଛନ୍ତି। ରାସୋଳ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ଖରଡାଳିରେ ଚଢ଼ାଉ: ୨୦୦୦ ଲିଟର ପୋଚ ନଷ୍ଟ



ରାସୋଳ, ୩୦।୧୦(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ରାସୋଳ ଥାନା ଖରଡାଳି ଗ୍ରାମରେ ବିଷାକ୍ତ ପୋଚ ଖାଇ ଏକ ଗାଈର ମୃତ୍ୟୁ ଘଟିବା ପରେ ଅଞ୍ଚଳରେ ଚାଲିଥିବା ବେଆଇନ ମଦ କାରବାର ଉପରେ ଅଙ୍କୁଶ ଲଗାଇବାକୁ ଅବକାରୀ ବିଭାଗ ଏବଂ ପୋଲିସ ପ୍ରଶାସନ ସଜାଗ ହୋଇଉଠିଛି। ରବିବାର ପୋଲିସ ଏବଂ ଅବକାରୀ କର୍ମଚାରୀ ଚଢ଼ାଉ କରି ଗ୍ରାମ୍ୟ ଜଙ୍ଗଲରେ ରଖାଯାଇଥିବା ୨୦୦୦ ଲିଟର ପୋଚ ନଷ୍ଟ କରିଛନ୍ତି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ହିନ୍ଦୋଳ ବ୍ଲକ ଅବକାରୀ ବିଭାଗ ସବ୍‌ଇନ୍ସପେକ୍ଟର ହେମନ୍ତ ମହାନନ୍ଦିଆ ଏବଂ ପୋଲିସ ଏସ୍‌ଆଇ ଟି.ଏ. ଖାନ୍‌ଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଚୋରା ମଦ କାରବାର ଉପରେ ଅଙ୍କୁଶ ଲଗାଇବାକୁ ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ପର୍ଯ୍ୟଟନର ନୂଆ ସମ୍ଭାବନା 'ଗଦଗଦି'


**ଆରମ୍ଭ ହୋଇଛି ପର୍ଯ୍ୟଟନ ଋତୁ। ଅନୁଭବ ହେଲାଣି ହାଲୁକା ହାଲୁକା ଶୀତ। ପ୍ରକୃତି କୋଳରେ କିଛି ସମୟ ବିତାଇବା ପାଇଁ ଏବେ ପର୍ଯ୍ୟଟନସ୍ଥଳମୁହାଁ ପର୍ଯ୍ୟଟକ। ଏହାକୁ ନେଇ ଚଳଚଞ୍ଚଳ ହୋଇଉଠିଲାଣି ଢେଙ୍କାନାଳର ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ହେଲେ ପର୍ଯ୍ୟଟନର ନୂଆ ସମ୍ଭାବନା 'ଗଦଗଦି' ରହିଯାଇଛି ପ୍ରଶାସନର ଦୃଷ୍ଟି ଆଢୁଆଳରେ। ପ୍ରାକୃତିକ ବନଝରଣା, ସବୁଜିମା ପରିବେଶ ଏହାର ଶୋଭା ବଢ଼ାଉଛି ସତ, କିନ୍ତୁ ପ୍ରଚାର ପ୍ରସାର ଅଭାବରୁ ଏବଂ ଆବଶ୍ୟକ ବିକାଶ ହୋଇପାରୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ସୀମିତ ରହିଯାଇଛି 'ଗଦଗଦି'।**

ଢେଙ୍କାନାଳ ଅଫିସ, ୩୦।୧୦

- ପ୍ରପାତ, ସବୁଜିମା ମୁଖ୍ୟ ଆକର୍ଷଣ
- ବିକାଶ ହେଲେ ବଢ଼ିବ ଗୁରୁତ୍ୱ

ପର୍ଯ୍ୟଟନ ସମ୍ଭାରରେ ଭରପୂର ଢେଙ୍କାନାଳ। ଜିଲାର ପ୍ରାକୃତିକ ଶୋଭାରାଜି ଯେତିକି ମନୋରମ, ସେତିକି ସମୃଦ୍ଧ ଏଠାକାର ପ୍ରାଚୀନ କୀର୍ତ୍ତିରାଜି। କପିଳାସ, ସପ୍ତଶଯ୍ୟା, ମହିମା ଧର୍ମପୀଠ ଯୋରନ୍ଦା, କୁଆଲୋ ଅଷ୍ଟଶମ୍ଭୁ, ସରାଙ୍ଗ ଅନନ୍ତଶୟନ ଭଳି ପର୍ଯ୍ୟଟନସ୍ଥଳୀ ବର୍ଷତମାମ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ଆସୁଛି। ତେବେ ଏଭଳି ଅନେକ ସ୍ଥାନ ଅଛି, ଯାହା ପ୍ରଚାର ପ୍ରସାର ଅଭାବରୁ ରହିଯାଇଛି ଦୃଷ୍ଟି ଆଢୁଆଳରେ। ଗଁଦିଆ ବ୍ଲକ ମନ୍ଦାର ପଞ୍ଚାୟତର 'ଗଦଗଦି' ସେଥିରୁ ଗୋଟିଏ। ଏଠାକାର ସବୁଜିମାମୟ ଶାନ୍ତ ପରିବେଶ, କ୍ଷୁଦ୍ର ଜଳପ୍ରପାତ ପର୍ଯ୍ୟଟକଙ୍କୁ ବାନ୍ଧି ରଖିବା ଲାଗି ଯଥେଷ୍ଟ। ସ୍ଥାନୀୟ ଅଞ୍ଚଳର ଗରିମା ବଢ଼ାଇଥିବା ଏହି ପର୍ଯ୍ୟଟନସ୍ଥଳୀର ଆବଶ୍ୟକ ଉନ୍ନତୀକରଣ କରାଗଲେ, ଏହା ଜିଲା ପର୍ଯ୍ୟଟନକୁ ବଳ ଯୋଗାଇବ ବୋଲି ମତ ପ୍ରକାଶ ପାଇଛି।

ଗଁଦିଆ ବ୍ଲକ ମନ୍ଦାର ପଞ୍ଚାୟତ ଦଲାର ଗ୍ରାମ ନିକଟ ବଣପାହାଡ଼ଘେରା ଏକ ଶାନ୍ତି ଇଲାକାରେ ରହିଛି ଗଦଗଦି ଜଳପ୍ରପାତ। ଏହି ସ୍ଥାନ ଯେତିକି ପରିଷ୍କାର, ବର୍ଷତମାମ ପ୍ରବାହିତ ଚିରସ୍ରୋତା ଝରଣାର ଜଳ ସେତିକି ସ୍ୱଚ୍ଛ। ଖାସ୍ ଏହି କାରଣରୁ କିଛିବର୍ଷ ହେଲା ଦେଶୀୟ ପର୍ଯ୍ୟଟକଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି ଏହି ସ୍ଥାନ। ବିଶେଷକରି ଖରାଦିନେ ଏହି ଅଞ୍ଚଳର



ଗଦଗଦି ଜଳପ୍ରପାତ।

ଶାନ୍ତ ଓ ଥଣ୍ଡା ପରିବେଶ ଜନସାଧାରଣଙ୍କୁ ଟାଣି ଆଣିଥାଏ। ସେହିପରି ପର୍ଯ୍ୟଟନ ଋତୁରେ ଢେଙ୍କାନାଳ, ଭୁବନ, ଗଁଦିଆ, ହିନ୍ଦୋଳ ସମେତ ଯାଜପୁର ଜିଲାର ସୁକିନ୍ଦା, ଡୁବୁରି ଅଞ୍ଚଳର ପର୍ଯ୍ୟଟକ ବଣଭୋଜି ପାଇଁ 'ଗଦଗଦି'ରେ ଭିଡ଼ ଜମାଇଥାଆନ୍ତି। ଏହାକୁ ବାଦ୍‌ଦେଲେ ଦଲାରରେ ଏକ ମଠ ରହିଛି। ସେଠାରେ ସାଧୁସନ୍ଥମାନେ ରହୁଛନ୍ତି। ସେଠାରୁ ୭ କି.ମି. ଦୂରରେ ରହିଛି ରାଜରାଜୁଡ଼ା ସମୟର 'ଗଣେଶଖୋଲା'। ଏଠାରେ ବିଦ୍ୟାଦାତା ଗଜାନନ ମୁଖ୍ୟ ଦେବତା ଭାବେ ପୂଜା ପାଉଥିବାବେଳେ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିର ମଧ୍ୟ ରହିଛି। ତେଣୁ ପ୍ରପାତରେ ଗାଧୋଇବା ସହ ପ୍ରକୃତି କୋଳରେ କିଛି ସମୟ ବିତାଇବା ପାଇଁ ଏହି ସ୍ଥାନ ଭଲ ବିକଳ୍ପ ପାଲଟିଛି। ତେବେ ଲୋକଲୋଚନରୁ ଦୂରରେ ଥିବା 'ଗଦଗଦି'କୁ ଯିବା ପାଇଁ ଭଲ ରାସ୍ତାଟିଏ ନାହିଁ। ସେଥିପାଇଁ ପର୍ଯ୍ୟଟକଙ୍କୁ କିଛି ରାସ୍ତା ଚାଲିକରି ଯିବାକୁ ପଡ଼ିଥାଏ। ମୁଖ୍ୟ ଆକର୍ଷଣ ସାଜିଥିବା ଜଳପ୍ରପାତର ଉନ୍ନତୀକରଣ, ସବୁଦିନିଆ ରାସ୍ତା ନିର୍ମାଣ ସହ ପର୍ଯ୍ୟଟକ ଅନୁକୂଳ ବାତାବରଣ ତିଆରି କରାଗଲେ ଜିଲା ପର୍ଯ୍ୟଟନ ମାନଚିତ୍ରରେ 'ଗଦଗଦି' ସ୍ୱତନ୍ତ୍ରତା ହାସଲ କରିପାରନ୍ତା ବୋଲି ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ କୁହନ୍ତି, ଉକ୍ତ ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ କେତେଜଣ ଲୋକ ଭିଡିଓ କରି ପଠାଇଥିଲେ। ଯେହେତୁ ଉକ୍ତ ଜାଗା ଜଙ୍ଗଲ ମଧ୍ୟରେ ଅବସ୍ଥିତ, ତେଣୁ ଏହାର ଉନ୍ନତୀକରଣ ପାଇଁ ଜିଲାପାଳ ଏବଂ ଡିଏଫ୍‌ଓଙ୍କ ସହ ଆଲୋଚନା କରିବାକୁ ପଡ଼ିବ। ଗଦଗଦି ଜଳପ୍ରପାତ ଅଞ୍ଚଳ ପରିଦର୍ଶନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପର୍ଯ୍ୟଟନ ଅଧିକାରୀ ସୂଚନା ଦେଇଛନ୍ତି।

### କେମିତି ଯିବେ...

'ଗଦଗଦି ଜଳପ୍ରପାତ'କୁ ଯିବା ଲାଗି ସଡ଼କ ପଥ ଉପଯୁକ୍ତ ମାଧ୍ୟମ। ଢେଙ୍କାନାଳ ସହରରୁ ଗଁଦିଆ ବ୍ଲକ ସଦର ମହକୁମାର ଦୂରତା ୩୦ କିଲୋମିଟର। ସେଠାରୁ ୧୨ କିଲୋମିଟର ଗଲେ ପଡ଼ିବ ମନ୍ଦାର। ମନ୍ଦାର-କରମୂଳ ରାସ୍ତାରେ ପ୍ରାୟ ୭ କିଲୋମିଟର ଗଲେ ଦଲାର ଗ୍ରାମ ନିକଟ ବଣପାହାଡ ଜଙ୍ଗଲ ମଧ୍ୟରେ ରହିଛି ଗଦଗଦି ଜଳପ୍ରପାତ।

# ପ୍ରଶାସନକୁ ଦାୟୀ କଲେ ବୁଦ୍ଧିଜୀବୀ

ଢେଙ୍କାନାଳ ଅଫିସ, ୩୦।୧୦

### ଡିଜେ ସାଉଣ୍ଡରେ ସତ୍ୟବାଦୀଙ୍କ ମୃତ୍ୟୁ ମାମଲା

ଢେଙ୍କାନାଳ ଲକ୍ଷ୍ମୀପୂଜା ଭସାଣିରେ ଉଚ୍ଚ ଶବ୍ଦଯୁକ୍ତ ଡିଜେ ସାଉଣ୍ଡ ଯୋଗୁ ସତ୍ୟବାଦୀ ବେହେରା ନାମକ ଜଣେ ହୃଦ୍‌ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏଥିପାଇଁ ପ୍ରଶାସନର ଅବହେଳାକୁ ଦାୟୀ କରିଛନ୍ତି ବୁଦ୍ଧିଜୀବୀ। ବାରଣ ସତ୍ତ୍ୱେ ଡିଜେ ବାଜିବା ଏବଂ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା କାରଣରୁ ଏଭଳି ଅଘଟଣ ଘଟିଥିବା ଢେଙ୍କାନାଳ ଥିଙ୍କର୍ସ ଫୋରମ୍, ଭାରତୀୟ ଜନସଂଖ୍ୟା ଫାଉଣ୍ଡେଶନ ପକ୍ଷରୁ ଅଭିଯୋଗ କରାଯାଇଛି।

ସତ୍ୟବାଦୀଙ୍କ ଅମରାତ୍ମାର ସଦ୍‌ଗତି କାମନା କରି ଯାଉଁଳିପୋଖରୀ ମଠରେ ରବିବାର ବୁଦ୍ଧିଜୀବୀଙ୍କୁ ନେଇ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀପୂଜାରେ ପ୍ରଶାସନିକସ୍ତରରେ ହୋଇଥିବା ଅବ୍ୟବସ୍ଥା ଓ ଅପାରଗତାକୁ ନେଇ ବୁଦ୍ଧୀଜୀବୀ କ୍ଷୋଭବ୍ୟକ୍ତ କରିଥିଲେ। ବରିଷ୍ଠ ସାମାଜିକ କର୍ମୀ କଲ୍ୟାଣ କାନୁନ୍‌ଗୋଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜନସଂଖ୍ୟା ଫାଉଣ୍ଡେଶନର ବାବୁଚାନ୍ଦ ମହାଳିକ, ଥିଙ୍କର୍ସ ଫୋରମ ସଭାପତି ସୌମେନ୍ଦୁ ଶତପଥୀ, ସଚେତନ ନାଗରିକ ଫୋରମ୍



ସତ୍ୟବାଦୀ ବେହେରାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବୁଦ୍ଧିଜୀବୀ।

ସଭାପତି ସୁରେନ୍ଦ୍ର ମିଶ୍ର, ଗାନ୍ଧୀ ବିଚାର ମଞ୍ଚର ସରୋଜ ଶତପଥୀ, ଶିଳ୍ପ ବାଣିଜ୍ୟ ପ୍ରତିଷ୍ଠାନ ସଭାପତି ରାଜେନ୍ଦ୍ର କୁମାର ଦାସ, ଆର୍‌ଟିଆଇ କର୍ମକର୍ତ୍ତା ପ୍ରିୟବ୍ରତ ଗଡ଼ନାୟକ, ସକ୍ରିୟ ନାଗରିକ ମଞ୍ଚ ସଦସ୍ୟ ଅଖିଳ ମହାପାତ୍ର, ଆଇନଜୀବୀ ଗିରିଜା ପ୍ରସାଦ ମହାନ୍ତି, ପ୍ରକାଶ ଚନ୍ଦ୍ର ରାଉତ, ବୈକୁଣ୍ଠ ନାଥ ଦ୍ୱିବେଦୀ, ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ରବିନାରାୟଣ ମହାନ୍ତି, ଅବିନାଶ ପଟ୍ଟନାୟକ, ବିନୋଦ ମଲ୍ଲିକ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଜିଲାକୁ ସରସସୁନ୍ଦର ଜିଲା ଭାବେ ଗଢ଼ିତୋଳିବା ଏବଂ ପ୍ରଶାସନିକ ଅବ୍ୟବସ୍ଥାକୁ ଶାନ୍ତିପୂର୍ଣ୍ଣ ଢଙ୍ଗରେ ବିରୋଧ କରିବା ପାଇଁ ଢେଙ୍କାନାଳ ବୁଦ୍ଧିଜୀବୀ ମଞ୍ଚ ଗଠନ କରାଯାଇଛି। ସଭାପତି ଭାବେ ରବିନାରାୟଣ ମହାନ୍ତି, ସମ୍ପାଦକ ଭାବେ ଅଖିଳ ମହାପାତ୍ର ଏବଂ ମିଡିଆ ପ୍ରଭାରୀ ଭାବେ ପ୍ରିୟବ୍ରତ ଗଡ଼ନାୟକଙ୍କୁ ମନୋନୀତ କରାଯାଇଛି।

# ବୁକ୍‌ଲେଟ୍‌ରେ ରହିବ ଶିଶୁଭିତ୍ତିକ ଯୋଜନା

### ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ଢେଙ୍କାନାଳ ଅଫିସ, ୩୦।୧୦

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ 'ଶିଶୁଙ୍କ ପାଇଁ ଦିନଟିଏ' ଜିଲାସ୍ତରୀୟ କାର୍ଯ୍ୟକ୍ରମ ଏବଂ ଜିଲାସ୍ତରୀୟ ଟାସ୍କଫୋର୍ସର ତ୍ରୟବାର୍ଷିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଜନସାଧାରଣଙ୍କ ସଚେତନତା ପାଇଁ ପ୍ରତି ବିଭାଗର ଶିଶୁଙ୍କ ପାଇଁ ଉପଲବ୍ଧ ଥିବା ସମସ୍ତ ଯୋଜନା ବିଷୟରେ ଏକ ବୁକଲେଟ୍ ତିଆରି କରାଯିବ। ପ୍ରତି ଅଙ୍ଗନୱାଡ଼ି କେନ୍ଦ୍ର ପକ୍ଷରୁ ଜଣେ କିଶୋରୀ ବାଳିକାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯିବ। ସମସ୍ତ ବିଭାଗ ମିଳିତ ଭାବେ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ କରିବେ। ପ୍ରତି ଶନିବାର 'କଳ୍ପନା ଅଭିଯାନ' ଗ୍ରାମ ଓ ସ୍କୁଲସ୍ତରରେ ପାଳିତ ହେବ। ବାଲ୍ୟବିବାହ, ଶିଶୁ ଶ୍ରମିକ ପ୍ରଥା ବିଲୋପ ପାଇଁ ସଚେତନତା କାର୍ଯ୍ୟକ୍ରମ ଜାରି ରହିବ। ଏଥିରେ ଏସ୍‌ଏଚ୍‌ଜି, ପଞ୍ଚାୟତିରାଜ ଅନୁଷ୍ଠାନ ସଦସ୍ୟ ଭାଗ ନେବେ ବୋଲି ସୂଚନା ଦିଆଯାଇଛି।



ବୈଠକରେ ଜିଲାପାଳ, ଏସ୍‌ପିଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀମାନେ।

ବୈଠକରେ ଯୋଗଦେଇ ଏସ୍‌ପି ଲୋଗାନାୟାଗୀ ଦିବ୍ୟା ଭି. କହିଲେ, ପୋଲିସ ମାଧ୍ୟମରେ ଗ୍ରାମାଞ୍ଚଳବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ। ଶିଶୁ ସୁରକ୍ଷା ପାଇଁ ପୋଲିସ ନିଜ କର୍ତ୍ତବ୍ୟ ପାଳନ କରିବ। ଜିଲା ସମାଜ ମଙ୍ଗଳ ଅଧିକାରୀ ସୌଦାମିନୀ ସାହୁ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଆକ୍ସନଏଡ୍ ଓ ୟୁନିସେଫ୍ ଜିଲା ସଂଯୋଜକ ଅଙ୍ଗୁର ମିଶ୍ର ୩ ମାସ ମଧ୍ୟରେ ହୋଇଥିବା କାର୍ଯ୍ୟକ୍ରମ ଏବଂ ଆଗାମୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ୩ମାସରେ ୧୦ ବାଲ୍ୟବିବାହ ରୋକାଯିବା, କିଶୋର କିଶୋରୀଙ୍କ ପାଇଁ ୨୬ଟି ଦକ୍ଷତା ବୃଦ୍ଧି ଶିବିର ଆୟୋଜନ, ୩୪ ଶିଶୁ ଶ୍ରମିକଙ୍କୁ ଉଦ୍ଧାର ଏବଂ ୧,୩୪୫ଜଣ ଶିଶୁଙ୍କୁ ଆଶୀର୍ବାଦ ଯୋଜନାରେ ସାମିଲ କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା। ସେହିପରି କିଶୋର ଓ କିଶୋରୀଙ୍କୁ ସଚେତନ ପାଇଁ ପ୍ରତି ଶନିବାର ଆଦ୍ୱିକା ଓ କଳ୍ପନା ଅଭିଯାନ ଭଳି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଅଧାରୁ ପାଠ ଛାଡିଥିବା ୨୨ କିଶୋରୀଙ୍କୁ ପୁନର୍ବାର ସ୍କୁଲରେ ନାମ ଲେଖାଯାଇଛି। ଜିଲାର ଅଧିକରୁ ଅଧିକ ବାଲ୍ୟ ବିବାହ ମୁକ୍ତ ଓ ଶିଶୁମିତ୍ର ଗ୍ରାମ ଭାବେ ଘୋଷଣା କରିବା ପାଇଁ ଉଦ୍ୟମ କରାଯିବ ବୋଲି ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ଉଦୟ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ ଦାଶଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଶ୍ରମ ଅଧିକାରୀ ସତ୍ୟନାରାୟଣ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସାହିତ୍ୟ ସାଧାରଣ ଲୋକଙ୍କ କଥା କହିଥାଏ'

ଢେଙ୍କାନାଳ ଅଫିସ, ୩୦।୧୦

ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲ୍‌ରେ ରବିବାର ସନ୍ଧ୍ୟାରେ ରୋଟାରୀ କ୍ଲବ ରାଜଧାନୀ, ଭୁବନେଶ୍ୱର ପକ୍ଷରୁ ସାହିତ୍ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ସାହିତ୍ୟ ସାଧାରଣ ଲୋକଙ୍କ କଥା କହିଥାଏ। ମୁଖ୍ୟବକ୍ତା ଭାବେ କବି ମନୋରଞ୍ଜନ ନନ୍ଦ କହିଲେ, ସମାଜର କଥା ସାହିତ୍ୟ ମାଧ୍ୟମରେ କହିଲେ ତାହା କାଳଜୟୀ ହୋଇଥାଏ। ସଭାପତି ଚିନ୍ମୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଶିବରାମ ପାତ୍ର




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ସ୍ୱାଗତ ଭାଷଣ ଦେଇଥିଲା। କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଆବାହିକା ସସ୍ମିତା ଦାସ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଦେବାଶିଷ ନାୟକଙ୍କ ପରିଚାଳନାରେ ଶୁଭଶ୍ରୀ ରାଉତ ଏହାକୁ ସଂଯୋଜନା କରିଥିଲେ। ୩୦ଜଣ କବି କବିତା ପାଠ କରିଥିଲେ। ଏହି ଅବସରରେ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ରୋଟାରିଆନ ଉଦୟେନ୍ଦୁ ମିଶ୍ର, ରୁଦ୍ର ପ୍ରସାଦ ମହାପାତ୍ର ସହଯୋଗ କରିଥିଲେ।

# ଗୁରୁ ପଣ୍ଡିତ କମଳ ବରଣ ଚେଲ ଜୟନ୍ତୀ ସମାରୋହ

ଢେଙ୍କାନାଳ ଅଫିସ,୩୦।୧୦

ଢେଙ୍କାନାଳସ୍ଥିତ ଜିଲା ଲେଖକ ସଂସଦ ଭବନ ପରିସରରେ ରବିବାର ସନ୍ଧ୍ୟାରେ ବିଶିଷ୍ଟ ଶାସ୍ତ୍ରୀୟ ଗୁରୁ କମଳ ବରଣ ଚେଲଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସବ୍‌ଜୁନିୟର, ଜୁନିୟର ଓ ସିନିୟର ବିଭାଗରେ ଶାସ୍ତ୍ରୀୟ ଓ ଲଘୁ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପଣ୍ଡିତ କମଳ ବରଣ ଚେଲ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣା, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ,



ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ବିଶିଷ୍ଟ ବଂଶୀବାଦକ ଗଗନ ବିହାରୀ ନନ୍ଦ, ଜିଲା ଲୋକକଳା ସଂଘର ଉପସଭାପତି ଅବନୀ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଗୁରୁ ପଣ୍ଡିତ ଚେଲଙ୍କ ସଙ୍ଗୀତ ସାଧନାର ସ୍ମୃତିଚାରଣ କରିଥିଲେ। ବିଶିଷ୍ଟ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ସୁଶାନ୍ତ କୁମାର ଶତପଥୀ, ଦେବେନ୍ଦ୍ର କୁମାର ଶତପଥୀ ଏବଂ ଅନୁଷ୍ଠାନ ପକ୍ଷରୁ ଛାତ୍ରୀଛାତ୍ରମାନେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ଯାମିନୀ ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଉପଲକ୍ଷେ ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମ୍ମୁଖରୁ ରବିବାର ଏକ ସଚେତନତା ରଥକୁ ଜିଲାପାଳ ସରୋଜ କୁମାର ସେଠୀ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି। ନିକଟରେ ଅଛନ୍ତି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ, ସ୍ୱଳ୍ପ ସଞ୍ଚୟ ଅଧିକାରୀ ସ୍ମୃତିରଞ୍ଜନ ମହାପାତ୍ର, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅଧିକାରୀ ଅଭିଲିପ୍ସା ବିଶ୍ୱାଳଙ୍କ ସମେତ ପୋଷ୍ଟାଲ ଏଜେଣ୍ଟ ଏବଂ କର୍ମଚାରୀ।



ସପ୍ତମ ବେତନ କମିଶନ ଅନୁଯାୟୀ ଦରମା ପ୍ରଦାନ ଦାବିରେ ଢେଙ୍କାନାଳ ଜିଲା ବ୍ଲକଗ୍ରାଣ୍ଟ (ନିଉ ଏଡେଡ୍) ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ବଳରାମ ମନ୍ଦିର ପରିସରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ମଧୁସୂଦନ ରାଉତ, କୋଷାଧ୍ୟକ୍ଷ ଅଶେଷ ମହାପାତ୍ର, ଅଶ୍ୱିନୀ ପଣ୍ଡା, ବିଜୟ କେତନ ନାୟକ, ଚିତ୍ତରଞ୍ଜନ ଦାସ, ବିଜୟ ସାମଲ ପ୍ରମୁଖ ଉପସ୍ଥିତ।

## ସଂକ୍ଷେପରେ

### ବେଆଇନ ମାଟି ଚାଲାଣ, ୨ ଟ୍ରାକ୍ଟର ଜବତ

**କଣିହାଁ,୩୦।୧୦(ଡି.ଏନ.ଏ.):** ବେଆଇନ ଭାବେ ମାଟିଚାଲାଣ କରୁଥିବା ୨ ଟ୍ରାକ୍ଟରକୁ କଣିହାଁ ତହସିଲ ପ୍ରଶାସନ ପକ୍ଷରୁ ଜବତ କରାଯାଇଛି। ନାଲମ ଗ୍ରାମ ନିକଟରେ ବେଆଇନ ଭାବେ ମାଟି ଉତ୍ତୋଳନ କରୁଥିବା ସୂଚନା ମିଳିବା ପରେ ଚଢ଼ାଉ କରାଯାଇଥିଲା। ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ଦୁଇ ଗାଡ଼ିକୁ ଜବତ କରି ଥାନାରେ ରଖାଯାଇଛି। ମାଲିକଙ୍କ ନିକଟରୁ ଜରିମାନା ଆଦାୟ କରାଯିବ ବୋଲି ତହସିଲଦାର ପତିତପାବନ ଦେବତା କହିଛନ୍ତି।

### ନୂତନ ଅଧ୍ୟାପକଙ୍କ ଯୋଗଦାନ



**ଆଠମଲ୍ଲିକ, ୩୦।୧୦(ଡି.ଏନ.ଏ):** ଆଠମଲ୍ଲିକ ମହାବିଦ୍ୟାଳୟରେ ଗୁରୁବାର ଇତିହାସ ବିଭାଗରେ ନୂତନ ଅଧାପକ ଭାବେ ଡ. ହିମାଂଶୁ ଶେଖର ପାଢ଼ୀ ଯୋଗଦାନ କରିଛନ୍ତି। ହିମାଂଶୁ ପୂର୍ବରୁ ମାଧପୁର, ଆଠମଲ୍ଲିକ, ବୀରମହାରାଜପୁର, ସୋନପୁର କଲେଜରେ ଅଧାପକ ଭାବେ କାର୍ଯ୍ୟ କରିଛନ୍ତି। ସେ ଜଣେ ଜଣାଶୁଣା ଲେଖକ, ସଂସ୍କୃତି ଗବେଷକ, ସୁବକ୍ତା ଭାବେ ବେଶ ପରିଚିତ। ତାଙ୍କ ଯୋଗଦାନ ପରେ ଇତିହାସ ବିଭାଗର ଛାତ୍ରୀଛାତ୍ର ଖୁସି ବ୍ୟକ୍ତ କରିଛନ୍ତି।

### ପାୱାର ଗ୍ରୀଡ୍‌ରୁ ଚୋରି

**ଅନୁଗୋଳ ଅଫିସ, ୩୦।୧୦:** ଅନୁଗୋଳ ସଦର ଥାନା ପାୱାର ଗ୍ରୀଡ୍ କର୍ପୋରେଶନ୍ ଅଫ୍ ଇଣ୍ଡିଆର ୩୩ କେଭି ଟାୱାର ଲାଇନ୍‌ରୁ ଆଙ୍ଗେଲ ଚୋରି ହୋଇଛି। ଏ ନେଇ ଜି. ନରସିଂହା ନାଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୮୬୧/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କେହି ଦୁର୍ବୃତ୍ତ ଉକ୍ତ ଆଙ୍ଗେଲ ନେଇଯାଇଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

### ମାରପିଟ୍ ଅଭିଯୋଗ: ଅଭିଯୁକ୍ତ ଗିରଫ

**ଅନୁଗୋଳ ଅଫିସ, ୩୦।୧୦:** ଅନୁଗୋଳ ସଦର ଥାନା ମୂଷାପାପୁଲି ଗ୍ରାମର ପଙ୍କଜ ପ୍ରଧାନଙ୍କୁ ମାରପିଟ୍ କରିବା ଅଭିଯୋଗରେ ପୋଲିସ ଚନ୍ଦ୍ରବାହଳ ଗ୍ରାମର ବିଶ୍ୱରଞ୍ଜନ ଦାସ(୨୩)ଙ୍କୁ ଗିରଫ କରିଛି। ପୋଲିସ କହିଛି, ପଙ୍କଜ ଘରେ ଥିବାବେଳେ ବିଶ୍ୱରଞ୍ଜନ ମାରପିଟ୍ କରିଥିଲେ। ଏ ନେଇ ପଙ୍କଜ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୮୬୩/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ଘର ଆଗରୁ ବାଇକ୍ ଚୋରି

**ଅନୁଗୋଳ ଅଫିସ୍, ୩୦।୧୦:** ଅନୁଗୋଳ ଜିଲା ଜରପଡ଼ା ଥାନା ପରା ଗ୍ରାମର ଲମ୍ବୋଧର ପ୍ରଧାନଙ୍କ ଘର ସମ୍ମୁଖରୁ ଶନିବାର ରାତିରେ ତାଙ୍କ ବାଇକ୍ ଚୋରି ହୋଇଛି। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଲମ୍ବୋଧର ଶନିବାର ରାତିରେ ଘର ସମ୍ମୁଖରେ ଗାଡ଼ି ରଖିଥିଲେ। ରାତି ୧୧ଟାରେ ସେ ଘରକୁ ବାଇକ୍ ନେବାପାଇଁ ଆସିଥିବାବେଳେ ଗାଡ଼ି ପାଇ ନ ଥିଲେ। ଶେଷରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ତଦନ୍ତ ପାଇଁ ଯାଇଥିବା କର୍ମଚାରୀ ଅଟକ

- କୁଲାଙ୍ଗୀରେ ଦୁଇ କଲରାପତରିଆ ମୃତ୍ୟୁ ଘଟଣା
- ଠେଙ୍ଗାବାଡ଼ି ଧରି ରାସ୍ତାକୁ ଓହ୍ଲାଇଲେ ଗ୍ରାମବାସୀ
- ନିରୀହଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ

**ଅନୁଗୋଳ ଅଫିସ, ୩୦।୧୦**


ଗ୍ରାମବାସୀ କାଠ ପକାଇ ରାସ୍ତା ଅବରୋଧ କରିଛନ୍ତି।

ଅନୁଗୋଳ ସାତକୋଶିଆ ବନଖଣ୍ଡ ପମ୍ପାସର ରେଞ୍ଜ ଜଗନ୍ନାଥପୁର ବିଟ୍ କୁଲାଙ୍ଗୀ ଗ୍ରାମରେ ଗତ ୨୭ ତାରିଖରେ ଦୁଇଟି କଲରାପତରିଆ ବାଘର ମୃତ୍ୟୁ ଘଟିଥିଲା। ବାଘ ଦୁଇଟିକୁ ଶିକାର କରାଯାଇଥିବା ସେ ସମୟରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଧରି ଜିମା ଦେବାକୁ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ କୁହାଯାଇଥିଲା। କିନ୍ତୁ ଘଟଣାର ୭୨ ଘଣ୍ଟା ବିତିଥିଲେ ମଧ ଏ ନେଇ ଗ୍ରାମବାସୀ ମୁହଁ ଖୋଲି ନ ଥିଲେ। ପୋଲିସ ସହାୟତାରେ ବନ କର୍ମଚାରୀ ଗ୍ରାମର ପ୍ରଶାନ୍ତ ଦେହୁରୀ, ସୁଶୀଲ ଦେହୁରୀଙ୍କୁ ସନ୍ଦେହରେ ପଚରାଉଚରା ପାଇଁ ସାତକୋଶିଆ ବନଖଣ୍ଡ କାର୍ଯ୍ୟାଳୟକୁ ଆଣୁଥିବାବେଳେ ଗ୍ରାମବାସୀଙ୍କ ରୋଷର ଶିକାର ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକେ କାଠଗଣ୍ଡି ପକାଇ ରାସ୍ତା ଅବରୋଧ କରିବା ସହ ନିର୍ଦ୍ଦୋଷ ପିଲାଙ୍କୁ କାହିଁକି ନେଉଛ ବୋଲି ପ୍ରଶ୍ନ କରିଥିଲେ। ଏଥିସହ ପୋଲିସ ଓ ବନ କର୍ମଚାରୀ ଦିନତମାମ ଅଟକ ରଖିଥିଲେ। ସୂଚନା ପାଇ ଡିଏଫ୍‌ଓ ସରୋଜ କୁମାର ପଣ୍ଡା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗତ ୨୭ ତାରିଖରେ କୁଲାଙ୍ଗୀ ଗ୍ରାମ ଜଙ୍ଗଲରେ ଆନୁମାନିକ ୪ ବର୍ଷର ଏକ କଲରାପତରିଆ ବାଘୁଣୀ ଏବଂ ଶାବକର ମୃତଦେହ ଠାବ କରାଯାଇଥିଲା। ଉଭୟ ବାଘକୁ ଶିକାର କରାଯାଇଥିବା ଅଭିଯୋଗ ହେବା ପରେ ଏହି ଘଟଣା ଆଲୋଡ଼ନ ସୃଷ୍ଟି କରିଥିଲା। ବନ ବିଭାଗ ଉପରେ ତଦନ୍ତ ଚାପ ପଡ଼ିବା ପରେ ରବିବାର ସାତକୋଶିଆ ଏସିଏଫ ଶୁଭେନ୍ଦୁ ବେହେରା, ରେଞ୍ଜ୍ କର୍ମଚାରୀ ଓ ପୁରୁଣାକୋଟ ପୋଲିସ କୁଲାଙ୍ଗୀ ଗ୍ରାମରେ ପହଞ୍ଚି ସମ୍ପୃକ୍ତ ୨ ଯୁବକଙ୍କୁ ଉଠାଇ ଆଣି ଗାଡ଼ିରେ ବସାଇଥିଲେ। ଏହି ଖବର ପ୍ରଚାରିତ ହେବାପରେ ବହୁସଂଖ୍ୟାରେ ମହିଳାପୁରୁଷ କାଠଗଣ୍ଡି ପକାଇ ରାସ୍ତା ଅବରୋଧ କରିଥିଲେ। ସେମାନେ ଠେଙ୍ଗାବାଡ଼ି ଧରି ରାସ୍ତାକୁ ଓହ୍ଲାଇଥିଲେ। ପ୍ରକୃତ ଶିକାରୀଙ୍କୁ ବନ ବିଭାଗ ନ ଧରି ନିରୀହ ପିଲାଙ୍କୁ ଶିକାରୀ ସଜାଉଥିବା ସେମାନେ ଅଭିଯୋଗ କରିଥିଲେ। ଏହାକୁ ନେଇ ଦିନତମାମ ଚାପା ଉତ୍ତେଜନା ଲାଗି ରହିଥିଲା। ସନ୍ଧ୍ୟାରେ ସାତକୋଶିଆ ଡିଏଫ୍‌ଓ, ପୁରୁଣାକୋଟ ଥାନାଧିକାରୀ ଆଶିଷ ଜେନା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ଗାଁ ପିଲାଙ୍କୁ ପୋଲିସ ସହିତ ଛଡ଼ାଯିବ ନାହିଁ ବୋଲି ଗ୍ରାମବାସୀ ଜିଦ୍‌ରେ ଅଟଳ ରହିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସାତକୋଶିଆ ଡିଏଫ୍‌ଓ ପଣ୍ଡାଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ମଧ ସମ୍ପର୍କ ହୋଇପାରିନାହିଁ। ଫଳରେ ତାଙ୍କ ମତାମତ ମିଳିପାରି ନାହିଁ।

## ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ଦାବି



ବୈଠକରେ ଉପସ୍ଥିତ ଅତିଥିମାନେ।

**ଅନୁଗୋଳ ଅଫିସ, ୩୦।୧୦**

ସ୍ଥାୟୀ ନିଯୁକ୍ତି ଦାବିରେ ଅନୁଗୋଳ ଜିଲା ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘର ଏକ ଜରୁରୀ ବୈଠକ ସ୍ଥାନୀୟ ମାରୱାଡି ଧର୍ମଶାଳା ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ଯୁଗନ୍ଧମୟୀ ଦାଶ, ସମ୍ପାଦକ ସଞ୍ଜୟ ସାହୁଙ୍କ ଯୁଗ୍ମ ଅଧକ୍ଷତାରେ ଆଉଟ୍‌ସୋର୍ସିଂ ପ୍ରଥା ଉଚ୍ଛେଦ, ସ୍ଥାୟୀ ନିଯୁକ୍ତି ଏବଂ ସମାନ କାମକୁ ସମାନ ଦରମା ପ୍ରଦାନ ଆଦି ଦାବି ଉପରେ ଆଲୋଚନା କରାଯାଇଥିଲା।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୧୫ ତାରିଖରେ ଚୁକ୍ତିଭିତ୍ତିକ ପ୍ରଥାର ବିଲୋପ କରି ଐତିହାସିକ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ସରକାରୀ ଅଫିସ ଏବଂ ଅନ୍ୟ କ୍ଷେତ୍ରରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଲାଗି ଅଦ୍ୟାବଧି କୌଣସି ନିଷ୍ପତ୍ତି ନେଇନାହାନ୍ତି। ସ୍ୱଳ୍ପ ଦରମା ଏବଂ ଅନିଶ୍ଚିତ ଭବିଷ୍ୟତ ମଧ୍ୟରେ ସେମାନେ ଦିନରାତି କାମ କରୁଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଉପଯୁକ୍ତ ନ୍ୟାୟ ଦେବେ ବୋଲି ସେମାନେ ଆଶାବ୍ୟକ୍ତ କରିଛନ୍ତି। ଏହା ନ ହେଲେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ବୈଠକରେ ମହାସଂଘର ୫୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ। ଅତିଥି ଭାବେ ରାଜ୍ୟସ୍ତରୀୟ କାର୍ଯ୍ୟକର୍ତ୍ତା ପ୍ରକାଶ ବେଦାନ୍ତ, ସହେଦୁର ରେହେମାନ, ମଦନମୋହନ ବଳିୟାରସିଂ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଜିଲା ଉପସଭାପତି ରମେଶ କୁମାର ପାତ୍ର, ସହସମ୍ପାଦକ ଜିତେନ୍ଦ୍ର କୁମାର ନାୟକ, କୋଷାଧକ୍ଷ ବିକାଶ ପରମଗୁରୁ, ଗୋପାଳକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ଦଳ ଛାଡ଼ିବାକୁ ୫୦୦ କର୍ମୀଙ୍କ ଚେତାବନୀ

**ଛେଣ୍ଡିପଦା, ୩୦।୧୦(ସ୍ୱ.ପ୍ର.)**

### ଛେଣ୍ଡିପଦା ଭାଜପାରେ ଗୋଷ୍ଠୀ କନ୍ଦଳ

ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଭାଜପାରେ ଗୋଷ୍ଠୀ କନ୍ଦଳ ଉଗ୍ର ରୂପ ନେଇଛି। ରବିବାର କୁକୁରପେଟା ପ୍ରୋଜେକ୍ଟ ନିକଟରେ ଅସନ୍ତୁଷ୍ଟ କର୍ମୀଙ୍କ ବୈଠକରୁ ଏହା ସ୍ପଷ୍ଟ ହୋଇଛି। ଦଳର ପୁରୁଖା ନେତା ଓ କର୍ମୀଙ୍କୁ ଅଣଦେଖା କରାଯାଉଛି। ଏ ଦିଗରେ ଜିଲା କିମ୍ବା ରାଜ୍ୟ ନେତୃବୃନ୍ଦ ଦୃଷ୍ଟି ଦେଉନାହାନ୍ତି। ଏଭଳି ସ୍ଥିତି ଲାଗି ରହିଲେ ୫୦୦ରୁ ଊର୍ଦ୍ଧ୍ୱ ସକ୍ରିୟ କର୍ମୀ ଦଳ ଛାଡ଼ିବେ ବୋଲି ବୋଲି ଚେତାବନୀ ଦେଇଛନ୍ତି।

ଛେଣ୍ଡିପଦା ବ୍ଲକ ଭାଜପାର ପୂର୍ବତନ ସଭାପତି ଧୀରେନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପ୍ରାରମ୍ଭରେ ଦିବଂଗତ ଭାଜପା ବିଧାୟକ ବିଷ୍ଣୁ ସେଠୀ, ଅନୁଗୋଳ ଜିଲା ଭାଜପାର ପୂର୍ବତନ ସମ୍ପାଦକ ଶ୍ରୀକାନ୍ତ ଖୁଣ୍ଟିଆଙ୍କ ଅମରାତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ଦଳର ବରିଷ୍ଠ ଏବଂ ପୁରୁଣା କର୍ମୀଙ୍କୁ ଅଣଦେଖା କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାର ସମାଧାନ ପାଇଁ ଜିଲା ଏବଂ ରାଜ୍ୟ ନେତୃମଣ୍ଡଳୀଙ୍କୁ ଅବଗତ କରାଯିବ। ଏହାର ସମାଧାନ ନ ହେଲେ ପ୍ରାୟ ୫୦୦ ସକ୍ରିୟ କର୍ମୀ ସାମୂହିକ ଇସ୍ତଫା ଦେବେ ବୋଲି ନିଷ୍ପତ୍ତି ହୋଇଛି। ଏପରି କି ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଭାଜପାର ନେତୃତ୍ୱ ନେଉଥିବା ନେତା, ବିଧାୟକ ପ୍ରାର୍ଥୀଙ୍କୁ ବିରୋଧ କରାଯିବା ସହ ସ୍ୱାଧୀନ ଭାବେ ଅନ୍ୟ ଜଣେ ପ୍ରାର୍ଥୀଙ୍କୁ ସମର୍ଥନ ଦିଆଯିବ ବୋଲି ଧୀରେନ କହିଛନ୍ତି। ବୈଠକରେ ଗୋବିନ୍ଦ ନାଏକ, ପୂର୍ବତନ ଜିଲା ପରିଷଦ ସଭ୍ୟ ସନ୍ତୋଷ ନାଏକ, ଗତିକୃଷ୍ଣ ପ୍ରଧାନ, ବୀରବର ସାହୁ, ବ୍ଲକ ଭାଜପାର ପୂର୍ବତନ ସଭାପତି ଦୁଃଶାସନ ଦେହୁରୀ, ହେମନ୍ତ ପ୍ରଧାନ, ଚିତ୍ତରଞ୍ଜନ ସାହୁ, ସନ୍ତୋଷ ପରିଡ଼ା, ନିର୍ମଳ ସାହୁ, ଜିଲା କୃଷକ ମୋର୍ଚ୍ଚାର ପୂର୍ବତନ ସଭାପତି ଜଗବନ୍ଧୁ ପ୍ରଧାନ, ସଞ୍ଜୟ ସାହୁ, କୁନା ସାହୁ, ଜିତେନ୍ଦ୍ର ଷଡ଼ଙ୍ଗୀ, କୁମୁଦ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଭାଜପା ନେତା ଓ କର୍ମୀମାନେ।

## କୋଇଲା ବୋଝେଇ ଟ୍ରକ ଜବତ, ଦୁଇ ଗିରଫ

**ଅନୁଗୋଳ ଅଫିସ, ୩୦।୧୦**

ଅନୁଗୋଳ ସଦର ଥାନା ମୂଷାପାପୁଲି ଅଞ୍ଚଳରେ ପୋଲିସ ଚଢ଼ାଉ କରି ଏକ ଚୋରା କୋଇଲା ବୋଝେଇ ଟ୍ରକ୍‌ଜବତ କରିଛି। ଏହି ଘଟଣାରେ ନତଡ଼ା ଗ୍ରାମର ଶଶିଧର ପ୍ରଧାନ (୨୬), ମାମୁଲି ବେହେରା (୨୯)ଙ୍କୁ ଗିରଫ କରାଯାଇଛି। ସଦର ଥାନାର ଏସ୍‌ଆଇ ସତ୍ୟରଞ୍ଜନ ଲେଙ୍କା ପାଟ୍ରୋଲିଂ କରୁଥିବାବେଳେ କୋଇଲା ଚାଲାଣ ହେଉଥିବା ସୂଚନାପାଇ ଉକ୍ତ ଟ୍ରକ୍ ଅଟକାଇ ଯାଞ୍ଚ କରିଥିଲେ। ଡ୍ରାଇଭର ଉପଯୁକ୍ତ କାଗଜପତ୍ର ଦେଖାଇ ନ ପାରିବାରୁ ତାଙ୍କୁ ଥାନାକୁ ଆଣି ଜେରା କରିଥିଲେ। ଅଭିଯୁକ୍ତ ଜଣକ ନିୟମିତ ନରସିଂହପୁର ଅଞ୍ଚଳକୁ ଚୋରା କୋଇଲା ଚାଲାଣ କରୁଥିବା ସ୍ୱୀକାର କରିଛନ୍ତି। ଜବତ ୩ଟନ୍ କୋଇଲା ହିଙ୍ଗୁଳା ମାଇନ୍ସରୁ ଆଣିଥିବା ସେ କହିଥିବା ସଦର ଥାନାଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି।

## ମହୁ ଚାଷ ତାଲିମ ଶିବିର ଉଦ୍‌ଯାପିତ


ଶିବିରରେ ଅଂଶଗ୍ରହଣ କରିଥିବା ମହିଳା ଗୋଷ୍ଠୀର ସଦସ୍ୟାମାନେ।

**ବଇଣ୍ଡା, ୩୦।୧୦(ଡି.ଏନ.ଏ)**

କିଶୋରନଗର ବ୍ଲକ ବଣିନାଳୀ ବିଶ୍ୱ ଯୁବକେନ୍ଦ୍ର ପରିସରରେ ୫ଦିନ ଧରି ଚାଲିଥିବା ମହୁଚାଷ ତାଲିମ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଣ୍ଟେଇକୋଳିଆ, ମାଧପୁର ମହିଳା ଗୋଷ୍ଠୀର ସଦସ୍ୟା ଅଂଶଗ୍ରହଣ କରିଥିଲେ। କୃଷି ବିଭାଗ ଅଧିକାରୀ ବୀରେନ ପଟ୍ଟନାୟକ, ବିଜୟ କୁମାର ବୀର ପ୍ରଶିକ୍ଷକ ଭାବେ ଯୋଗଦେଇ ମହିଳାମାନେ ମହୁଚାଷ କରି କିଭଳି ସ୍ୱାବଲମ୍ବୀ ହୋଇପାରିବେ, ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଶିବିରାର୍ଥୀମାନେ କ୍ଷେତ୍ରପାଳ ଗ୍ରାମର ଚନ୍ଦ୍ରାବତୀ ପ୍ରଧାନଙ୍କ ମହୁଚାଷ କ୍ଷେତ୍ର ପରିଦର୍ଶନ କରିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ କଣ୍ଟେଇକୋଳିଆ ସରପଞ୍ଚ ନୟନୀ ବେହେରା ଯୋଗଦେଇ ପ୍ରତି ଗ୍ରାମରେ ମହୁଚାଷ କରିବା ଲାଗି ମହିଳାଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ ମହାପାତ୍ର ଯୋଗଦେଇଥିଲେ। ଅଭୟ ସ୍ୱାଇଁ ଶିବିର ପରିଚାଳନା କରିଥିବାବେଳେ ପୁନିଆ ସାହୁ, ଅଭିଷେକ ମହାପାତ୍ର, ସଂଯୁକ୍ତା ପ୍ରଧାନ, ପ୍ରିୟଙ୍କା ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ଡେଲିଭରି ହବ୍‌ରୁ ୩.୪୧ ଲକ୍ଷର ମୋବାଇଲ ଚୋରି

**ଅନୁଗୋଳ ଅଫିସ,୩୦।୧୦**

### ୨ କର୍ମଚାରୀଙ୍କ ନାମରେ ମାମଲା

ଅନୁଗୋଳ ଜିଲା ତାଳଚେର ଥାନା ରେମୁଆଁ ଅଞ୍ଚଳରେ ଥିବା ଏକ ଡେଲିଭରି ହବ୍‌ରୁ ୯ଟି ମୋବାଇଲ ଚୋରି ହୋଇଛି, ଯାହାର ମୂଲ୍ୟ ୩ ଲକ୍ଷ ୪୧ ହଜାର ୫୦୨ ଟଙ୍କା ହେବ। ଏ ନେଇ ସଂସ୍ଥା ପକ୍ଷରୁ ବଳରାମ ସାହୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ତାଳଚେର ଅଞ୍ଚଳବାସୀ ଅନ୍‌ଲାଇନ୍‌ରେ ବିଭିନ୍ନ ସାମଗ୍ରୀ ମଗାଉଛନ୍ତି। ଉକ୍ତ ସାମଗ୍ରୀ ରଖିବା ପାଇଁ ରେମୁଆଁ ଅଞ୍ଚଳରେ ଥିବା ଏକ ଘରେ ଡେଲିଭେରି ସଂସ୍ଥା ପକ୍ଷରୁ ହବ୍ କରାଯାଇଛି। ଉକ୍ତ ହବ୍‌ରେ କାର୍ଯ୍ୟ କରୁଥିବା ୨ କର୍ମଚାରୀ ମୋବାଇଲ ନେଇଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଗତ ୧୯ ତାରିଖରେ ଏହି ଘଟଣା ଘଟିଥିବାବେଳେ ଶନିବାର ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ନଂ. ୮୧୭/୨୨ରେ ମାମଲା ରୁଜୁ ତଦନ୍ତ ଚଳାଇଛି।

# ଫ୍ଲାଏ ଓଭର କାମ ନିମ୍ନମାନର

**ବଇଣ୍ଡା,୩୦।୧୦(ଡି.ଏନ.ଏ)**

- ଏନ୍‌ଏଚ୍‌ଏଆଇ ଅଧିକାରୀଙ୍କ ଅନୁପସ୍ଥିତିରେ ଚାଲିଛି
- ବ୍ୟବହାର କରାଯାଉନାହିଁ ବୁମ୍ ପ୍ରେସର ମେଶିନ
- ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠାଇଲେ ଅଞ୍ଚଳବାସୀ


ବଇଣ୍ଡାରେ ଚାଲିଥିବା ଫ୍ଲାଏ ଓଭର କାମ।

କଟକ–ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର କିଶୋରନଗର ବ୍ଲକ ବଇଣ୍ଡାଠାରେ ଫ୍ଲାଏ ଓଭର ବ୍ରିଜ୍ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଏ ନେଇ ବଇଣ୍ଡା ଅଞ୍ଚଳବାସୀ ଶନିବାର ଅନୁଗୋଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ରବିବାର ଫ୍ଲାଏ ଓଭର ବ୍ରିଜ୍ କଂକ୍ରିଟ କାମ ଚାଲିଥିବାବେଳେ ଏହାକୁ ନେଇ ଆପତ୍ତି ଉଠାଇଥିଲେ ଗ୍ରାମବାସୀ। ସେମାନେ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟର ମାନ ଯାଞ୍ଚ କରିଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଅଧିକାରୀଙ୍କ ଅନୁପସ୍ଥିତିରେ କାମ ହେଉଛି। ଏଥିସହ କଂକ୍ରିଟ୍ ଢଳେଇରେ ଅତ୍ୟାଧୁନିକ ମେଶିନ ବ୍ୟବହାର ହେଉ ନ ଥିବାରୁ ଏହାର ସ୍ଥାୟିତ୍ୱ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି।

ଗ୍ରାମବାସୀ କହିଛନ୍ତି, ବଇଣ୍ଡା ଫ୍ଲାଏ ଓଭର ବ୍ରିଜ ନିର୍ମାଣରେ ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଛି। ତେବେ ବ୍ରିଜ୍ ତଳ ଫାଉଣ୍ଡେଶନ କଂକ୍ରିଟ କାମରେ ମେଶିନ ବ୍ୟବହାର କରାଯାଉନାହିଁ। କଂକ୍ରିଟ୍ କାର୍ଯ୍ୟ ଅତି ନିମ୍ନମାନର ହେଉଛି। ବୁମ୍ ପ୍ରେସର ମେଶିନ ଦ୍ୱାରା କଂକ୍ରିଟ କରାଯିବା ପରିବର୍ତ୍ତେ ଠିକାସଂସ୍ଥା ଜେସିବି ମେଶିନରେ ଆରଏମ୍‌ସି ମିକ୍ସର ମେଶିନରୁ କଂକ୍ରିଟ ନେଇ ଢଳେଇ କରାଯାଉଛି। ଭାଇବ୍ରେଟର ମଧ ଠିକ୍ ଭାବେ ବ୍ୟବହାର ହେଉନାହିଁ। ଯାଞ୍ଚ କରିବା ଲାଗି ଏନ୍‌ଏଚ୍‌ଏଆଇ ଅଧିକାରୀ ରହୁନାହାନ୍ତି। ଶ୍ରମିକମାନେ ଅସୁରକ୍ଷିତ ଅବସ୍ଥାରେ ବିଳମ୍ବିତ ରାତିରେ କାର୍ଯ୍ୟ କରୁଛନ୍ତି। ଠିକାସଂସ୍ଥା ମନଇଚ୍ଛା କାର୍ଯ୍ୟ କରୁଥିବାବେଳେ ବ୍ରିଜ୍‌ର ସ୍ଥାୟିତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

ଏ ନେଇ ଠିକାସଂସ୍ଥା ଜେନେରାଲ ମ୍ୟାନେଜର ବିମଳ ପାଲ କହିଛନ୍ତି, ରବିବାର ଥିବା ଯୋଗୁ ଏନ୍‌ଏଚ୍‌ଏଆଇର ଅଧିକାରୀ ଆସିନାହାନ୍ତି। କାମ ଠିକ ଭାବେ ଚାଲୁଛି। ବୁମ୍ ପ୍ରେସର ମେଶିନ ଖୁବଶୀଘ୍ର ଅଣାଯାଇ କାମ କରାଯିବ।


ଅନୁଗୋଳ ହେମସୁରପଡ଼ାରେ ରବିବାର ମା' କାଳୀଙ୍କ ବିସର୍ଜନ ଉପଲକ୍ଷେ ଆୟୋଜିତ ଶୋଭାଯାତ୍ରା।


ଭସାଣି ଯାତ୍ରାରେ ଯୁବକଙ୍କ ବାଡ଼ି ଖେଳ।


ଛଟ୍ ପୂଜା ଉପଲକ୍ଷେ ଅନୁଗୋଳସ୍ଥିତ ନାରାୟଣ ସାଗରରେ ମାନସିକଧାରୀଙ୍କ ପୂଜାର୍ଚ୍ଚନା। (ଫଟୋ–ବୁବୁ)

